# ପୋତିବା ଚାଲ ଗଛ

ମଞ୍ଜିରୁ ହୁଏ ଗଛରେ ଭାଇ,
ଗଛରେ ହୁଏ ଫୁଲ
ଫୁଲରୁ ହୁଏ ଆମ ପାଇଁକି
ଜାତି ଜାତିକା ଫଳ



ସପେଟା, ଆମ୍ବ, ପିଜୁଳି, ଜାମୁ
ସପୁରି, ଲିଚୁକୋଳି,
କାକୁଡି, ଭଣ୍ଡା, ଖଜୁରୀ, ତାଳ,
କମଳା ଖାଉ ତୋଳି ।

ଫଳଟି ସତେ ସୁଆଦଭାରି
ଦେହକୁ ଦିଏ ବଳ
ପୋତିଲେ ଗଛ ଫଳିବ ସିନା
ଯୋଗାଇ ଦେବ ଫଳ ।



ପୋତିଲେ ଖାଲି ହେବନି କିଛି
ଯତନ ସିଏ ଲୋଡେ
ଖତ ଓ ପାଣି, ସାର ପାଇଲେ
ସହଳ ପୁଣି ବଢେ ।

ପୋତିବା ଚାଲ ଗଛଟି ମାନ
ଆମେ ଯେତେକ ପିଲା
ଖତ ଓ ସାର, ପାଣି ଦେବାରେ
କରିବା ନାହିଁ ହେଳା ।